Pramaya 19th jan. 2014

# ୟଙ୍ଗ୍ ଇଣ୍ଡିଆର ସ୍ୱାସ୍ଥ୍ୟ ଶିବିର

ବାଳକାଟି, ୧୮।୧(ଆପ୍ର): ଭୁବନେଶ୍ୱର ଉପକଣ୍ଠ ବାଳକାଟି ପଞ୍ଚାୟତ କାର୍ଯ୍ୟାଳୟଠାରେ ୟଙ୍ଗ୍ ଇଣ୍ଡିଆ ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜୟଦେବ ନିର୍ବାଚନମଣ୍ଡଳୀ ବିଧାୟକ ଡ. ଅରବିନ୍ଦ ଢ଼ାଲି ଉଦ୍‌ଘାଟନ କରିଥିଲେ। ୟଙ୍ଗ୍ ଇଣ୍ଡିଆ ଚେୟାରମ୍ୟାନ୍ ନିବିନ୍ କୁଣ୍ଡୁ ମୁଖ୍ୟବକ୍ତା, ଏମ୍ କେ ଗୁପ୍ତା, ସ୍ଥାନୀୟ ସରପଞ୍ଚ ସୁଲୋଚନା ଭୋଇ, ସମିତି ସଭ୍ୟ ଅନନ୍ତ ନାରାୟଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କିମ୍‌ସର ବରିଷ୍ଠ ଚକ୍ଷୁ ଓ ଦାନ୍ତ ବିଶେଷଜ୍ଞମାନେ ଶିବିରରେ ଯୋଗ ଦେଇଥିଲେ। ବହୁ ରୋଗୀଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସୁଜିତ୍ କୁମାର ଶିବିର ପରିଚାଳନା କରିଥିଲେ।

Pramaya.
19.01.2014